୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday July 30 | ଭୁବନେଶ୍ୱର ବୁଧବାର, ୩୦, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## କିମ୍ସରେ ୮୭ବର୍ଷ ବୟସ୍କା ମହିଳାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ

ଭୁବନେଶ୍ୱର,(ପି.ଏନ): କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ ଜଣେ ୮୭ ବର୍ଷୀୟା ମହିଳାଙ୍କଠାରେ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି । ଜଣେ ବୟସ୍କା ମହିଳାଙ୍କ ଦୁଇଟି ଆଣ୍ଠୁର ସମ୍ପୂର୍ଣ୍ଣ ସଫଳ ପ୍ରତିରୋପଣ କରାଯିବା ହେଉଛି ଓଡ଼ିଶା ଓ ପୂର୍ବ ଭାରତରେ ପ୍ରଥମ । ମହିଳା ଜଣକ ଗତ ୧୫ବର୍ଷ ଧରି ଗୁରୁତର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ଥିଲେ ଏବଂ ୫ ବର୍ଷ ଧରି ଶଯ୍ୟାଶାୟୀ ଥିଲେ । ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ ସୁଦ୍ଧା ଅସ୍ତ୍ରୋପଚାର ସଫଳ ହେବ କି ନାହିଁ କିମ୍ବା ଆହୁରି ଅକ୍ଷମ ହୋଇଯିବେ, ଏହି ଭୟରେ ସେ ଅସ୍ତ୍ରୋପଚାର ପାଇଁ ରାଜି ହେଉ ନ ଥିଲେ । କିନ୍ତୁ ତାଙ୍କ ଅବସ୍ଥା ଅତି ଶୋଚନୀୟ ହେବାପରେ ଦୈନନ୍ଦିନ କାର୍ଯ୍ୟ କରିପାରିବେ ବୋଲି ତାଙ୍କ ପରିବାର ଲୋକ ଅନୁଭବ କଲେ । ପରେ ତାଙ୍କୁ କିମ୍ସ ଆଣ୍ଠୁ ଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା ବସନ୍ତ ବେହେରାଙ୍କ ସହ ପରାମର୍ଶ କରିଥିଲେ । ମହିଳାଙ୍କର ବୟସ ଦୃଷ୍ଟିରୁ ଏବଂ ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ହାଇପୋଥାଇରଏଡ଼ିଜିମ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ୩ମାସ ଅନ୍ତରରେ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରିବା ପାଇଁ ଡା. ବେହେରା ନିଷ୍ପତ୍ତି ନେଇଥିଲେ । ଗତ ଏପ୍ରିଲ୍ ୭ରେ ଡାହଣ ଆଣ୍ଠୁ ଏବଂ ଜୁଲାଇ ୨୧ରେ ବାମ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା । ଏଥିରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରାଯାଇଥିବାରୁ ଯନ୍ତ୍ରଣା ଓ ବିପଦ କମ୍



ରହିଥିଲା । ଅସ୍ତ୍ରୋପଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମହିଳା ଜଣକ ଯେପରି ଯନ୍ତ୍ରଣା ଅନୁଭବ ନ କରିବେ ସେଥିପାଇଁ ନିଶ୍ଚେତକ ବିଶେଷଜ୍ଞ ଡା. ରାଜ ମୋହନ ଓ ତାଙ୍କ ଦଳ ନର୍ଭ ବ୍ଲକ ସହ ମେରୁଦଣ୍ଡ ନିଶ୍ଚେତକ ବ୍ୟବହାର କରିଥିଲେ । ପ୍ରତ୍ୟେକ ଅସ୍ତ୍ରୋପଚାରର ଦିନକ ପରେ ମହିଳା ଜଣକ ସାହାରା ନେଇ ଚାଲିଥିଲେ । ଶେଷ ଅସ୍ତ୍ରୋପଚାରର ମାତ୍ର ୫ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲ୍‌ରୁ ଡ଼ିସ୍‌ଚାର୍ଜ କରାଯାଇଥିଲା । ସାଧାରଣତଃ ବୟସ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କ ଗଣ୍ଠି ପ୍ରତିରୋପଣ କରିବା ଅଧିକ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ । କିନ୍ତୁ ଏବେ ଅତ୍ୟାଧୁନିକ ଅସ୍ତ୍ରୋପଚାର ଜ୍ଞାନ କୌଶଳ, ନିଶ୍ଚେତକ ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପାଇଁ ଏହି ଅସ୍ତ୍ରୋପଚାର ଅଧିକ ସୁରକ୍ଷିତ ଏବଂ ସଫଳ ହୋଇପାରୁଛି । ଏହା ବ୍ୟତୀତ ଆଣ୍ଠୁ ପ୍ରତିରୋପଣ ପାଇଁ ସେପରି କିଛି ବୟସ ସୀମା ନାହିଁ ବୋଲି ଆଣ୍ଠୁଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା. ବେହେରା ପ୍ରକାଶ କରିଛନ୍ତି । ଏଥିପାଇଁ ରୋଗୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥା, ଚଳନ ଶକ୍ତି ଏବଂ ଯନ୍ତ୍ରଣାର ମାତ୍ରାକୁ ଦେଖି ନିଷ୍ପତ୍ତି ନିଆଯାଇଥାଏ । କିମ୍ସ ସୁପରସ୍ପେସିଆଲିଟି ହସ୍‌ପିଟାଲ୍‌ରେ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଥିବାରୁ ବିଭିନ୍ନ ଜଟିଳ ଅସ୍ତ୍ରୋପଚାର କରାଯାଇପାରୁଛି ବୋଲି ଡା. ବେହେରା କହିଛନ୍ତି ।

## ଶିକ୍ଷକଙ୍କ ବକେୟା ଦରମା ନ ମିଳିବାରୁ ଅଭିଯୋଗ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ଖଣତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଣେଶ୍ୱର ଦେଉରୀଙ୍କ ବକେୟା ଦରମା ନ ମିଳିବାରୁ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ୨୦୨୪ ମସିହା ନଭେମ୍ବର ମାସ ୨୬ ରିଖରେ ୮ ଜଣ ଶିକ୍ଷକଙ୍କ ମଧ୍ୟରୁ ଶ୍ରୀ ଦେଉରୀଙ୍କୁ ସିଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ପଠାଇବା ପାଇଁ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ତେବେ ଏହା ତ୍ରୁଟିପୂର୍ଣ୍ଣ ନିର୍ଦ୍ଦେଶନାମା ହୋଇଥିବା ହେତୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରିଲିଭ କରି ନ ପାରିବାରୁ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିଲା । ଏହି ସମୟରେ ଡିସେମ୍ବର ମାସ ୨ ରିଖରୁ ୪ ରିଖ ପର୍ଯ୍ୟନ୍ତ ଟ୍ରେନିଂ ଯାଇଥିବା ବେଳେ ପ୍ରଧାନଶିକ୍ଷକ ନ ଜଣାଇ ରିଲିଭ କରି ଦେଇଥିଲେ । ଫଳରେ ଶିକ୍ଷକ ଶ୍ରୀ ଦେଉରି ମାନସିକ ସ୍ତରରେ ଆଘାତ ପାଇ ଛୁଟିରେ ରହିଥିବାରୁ ବକେୟା ଦରମା ସହ ଏକ ମାସର ପ୍ରଦାନ କରି ନ ଥିବାରୁ ବାରମ୍ବାର ଅଭିଯୋଗ କରିଥିଲେ । ପରେ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ।ପରେ କାରଣ ଦର୍ଶାଅ ନୋଟିସ ଉପସ୍ଥାପନ କରିଥିବା ବେଳେ କାହିଁକି ବକେୟା ଦରମା ପ୍ରଦାନ କରାଯାଇ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରିଛି । ଏପରିକି ସେହି ୮ ଜଣ ଶିକ୍ଷକଙ୍କ ଡେପୁଟେସନକୁ ବାତିଲ ହୋଇ ଥିବା ବେଳେ ଶିକ୍ଷକ ଶ୍ରୀ ଦେଉରୀଙ୍କ ପତ୍ନୀ ଜିନୁ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରେଜିଷ୍ଟ୍ରି ଚିଠି ଯୋଗେ ଅଭିଯୋଗ ପ୍ରେରଣ କରିଛନ୍ତି । ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି ।

## ନାହିଁନାହିଁରେ ଚାଲିଛି ଓଡିଶା ଗ୍ରାମ୍ୟବ୍ୟାଙ୍କ୍

ବୟାଳିଶମୌଜା ,(ପି.ଏନ): ବୟାଳିଶମୌଜା ବେଂଟକାର ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ପୂର୍ଣ୍ଣ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଅଭିଯୋଗ ଅନୁଯାୟୀ ବ୍ୟାଙ୍କରେ ଜେନେରେଟର ନଥିବାରୁ ବିଦ୍ୟୁତକାଟ ସମୟରେ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେବା ସହିତ ଗ୍ରାହକମାନଙ୍କୁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡୁଛି । ଏବେ ଶାଖାରେ କେବଳ ବ୍ୟାଟେରୀ ବ୍ୟାକଅପ ରହିଛି ଯାହା ଅଧଘଂଟା ବି କାମ ଦେଉନି । ଅନ୍ୟ ପଟେ ଲାଇନ ନଥିବା ସମୟରେ ସିସିଟିଭି ମଧ୍ୟ ଅଚଳ ହୋଇପଡୁଛି ଯାହା ଦ୍ୱାରା ସେହି ସମୟ ମଧ୍ୟରେ କୌଣସି ଅଘଟଣ ଘଟିଲେ ତାହା ରେକର୍ଡ ହୋଇପାରିବନାହିଁ । ବ୍ୟାଙ୍କରେ ଦୀର୍ଘଦୀନ ଧରି ଶାଖାପ୍ରବନ୍ଧକ ନଥିବାରୁ ବ୍ୟାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।ବୟାଳିଶମୌଜା ଶାଖାରେ ମାତ୍ର ତିନିଜଣ ମହିଳା କର୍ମଚାରୀ କାର୍ଯ୍ୟରତ ଯାହା ଗ୍ରାହକସେବା ଦେବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ । ଅନ୍ୟପଟେ କେବଳ ମହିଳା କର୍ମଚାରୀ ଥିବାରୁ ସାମାଜିକ ସୁରକ୍ଷା ଦୃଷ୍ଟିରୁ ଜଣେ ପୁରୁଷ କର୍ମଚାରୀ ଏହି ଶାଖାରେ ନିଯୁକ୍ତି ଦେବା ପାଇଁ ଗ୍ରାହକମାନଙ୍କ ପକ୍ଷରୁ ଦାବି କରାଯାଇଛି । ଶାଖାରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ନଥିବାରୁ ଅସହ୍ୟ ଗରମରେ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସବୁଠାରୁ ବଡ କଥା ଶାଖାତଳେ ବ୍ୟାଙ୍କର ନିଜସ୍ୱ ଏଟିଏମ ଥିବା ସତ୍ତ୍ୱେ ସିକ୍ୟୁରିଟି ଗାର୍ଡର ବ୍ୟବସ୍ଥା କରାଯାଇନାହିଁ କି ଶାଖାରେ ମଧ୍ୟ ସିକ୍ୟୁରିଟି ଗାର୍ଡ ନାହାନ୍ତି । ତେବେ ବ୍ୟବସାୟ ଦୃଷ୍ଟିରୁ ବ୍ୟାଙ୍କ ପ୍ରଦର୍ଶନ ଭଲ ଥିବାରୁ ମୁଖ୍ୟ କାର୍ଯ୍ୟାଳୟ ଏହି ଶାଖା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶାଖାରେ ଥିବା ସମସ୍ତ ସମସ୍ୟାର ସମାଧାନ କରିବାକୁ ଅଂଚଳବାସୀଙ୍କ ତରଫରୁ ଦୃଢ ଦାବି ହେଉଛି ।

## ଦ୍ରୁତତମ ୫କ୍ଟ ଏଏମଟି ପଣ୍ୟ ପରିଚାଳନା କରି ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଣ୍ଟ ସ୍ଥାପନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଚଳିତ ଆର୍ଥିକ ବର୍ଷରେ ଅଭୁତପୂର୍ବ ଦ୍ରୁତତମ ୫କ୍ଟ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚାଳନା କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ବନ୍ଦର ଇତିହାସରେ ଏହି କୀର୍ତ୍ତିମାନ ସ୍ଥାପନ ବନ୍ଦରର କାର୍ଯ୍ୟ ଦକ୍ଷତା, ରଣନୀତି ଓ ଉତ୍ତମ ପରିଚାଳନା ଶକ୍ତି କୁ ଦର୍ଶାଉଛି । ତେବେ ପୂର୍ବ ବର୍ଷ ରେକର୍ଡ ର ୪ ଦିନ ପୂର୍ବରୁ ଏହି ବିରଳ କୀର୍ତ୍ତିମାନ ସ୍ଥାପନ ହୋଇପାରିଛି କ୍ଷ ବନ୍ଦରର ଏହି ପଣ୍ୟ ଅଭିବୃଦ୍ଧି ମଧ୍ୟରେ କୋଇଲା ୨୨.କ୍ଟ୬ ଏମଏମଟି ପଣ୍ୟ ପରିଚାଳନା କରି କ୍ଟ.୫୩ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ କଣ୍ଟେନର ପଣ୍ୟ ୨୭.୮କ୍ଟ ପ୍ରତିଶତ, ଅଶୋଧିତ ତୈଳ ୧୧.୩୬ ଏମଏମଟି ରେ ପହଞ୍ଚି ୧୪.୯୭ ପ୍ରତିଶତ ଓ ସାର ରେ ୮.୪୧ ପ୍ରତିଶତ ଅଭିବୃଦ୍ଧି ଘଟିଛି । ତେବେ ଏହି ଐତିହାସିକ ସଫଳତା ପାଇଁ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଙ୍କ ଦୃଢ଼ ନେତୃତ୍ୱ ଓ ପାରଦର୍ଶୀ ମାର୍ଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଦର୍ଶାଇବା ସହ ତାଙ୍କୁ କୃତଜ୍ଞତା ଜଣାଇବା ସହ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ, ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଜାହାଜ ଏଜେଣ୍ଟ, ଟ୍ରେଡ଼ ୟୁନିଅନ ଓ ଅପରେଟର ମାନଙ୍କୁ ବନ୍ଦରର ଏହି ସଫଳତା ପାଇଁ ପ୍ରଶଂସା କରିଛନ୍ତି ।

## ଖରିଫ୍ ଋତୁ ୨୦୨୫ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

ଜଗତସିଂହପୁର, (ପି ଏନ) : ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ ୨୦୨୫ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ।ଚାଷୀ ମାନଙ୍କ ନିମନ୍ତେ ସରକାର ବହୁତ୍ ଯୋଜନା କରିଛନ୍ତି । କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀ ମାନେ ଯନ୍‌ବାନ ହେବା ଆବଶ୍ୟକ । ଜିଲ୍ଲା ରେ ଏହିସବୁ ଯୋଜନା ଗୁଡିକୁ ବିଭିନ୍ନ କୃଷକ ସମ୍ପର୍କ ମେଳା, କୃଷି ସଚେତନତା କାର୍ଯ୍ୟକ୍ରମ , ଅଡିଓ ଭିଡିଓ କ୍ଲିପ୍, ୱାଲ ପେଣ୍ଟିଂ ଆଦି ଜରିଆରେ ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅର୍ଗାନିକ ଫାର୍ମିଂ, ଫାର୍ମ ପଣ୍ଡ ର ସଦୁପଯୋଗ କରିବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ କହିଥିଲେ । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସି ଏମ୍ କିଷାନ ଯୋଜନା,ପି ଏମ୍ କେ ୱାଇ ଯୋଜନା ରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀ ଯେପରି ନିଜ ନିଜର ନାମ ପଞ୍ଜିକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ,ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ଚାଷୀ ମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ଯୋଜନା ଓ ସବସିଡି ବାବଦରେ କୃଷି ଅଧିକାରୀ ମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକ ରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ କହିଲେ ଯେ, ଜଗତସିଂହପୁର ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ଆଶଙ୍କା ରହୁଛି । ତଳିଆ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଫସଲ କ୍ଷତି ହେବାର ଆଶଙ୍କା ରହୁଛି । ସେଥିପ୍ରତି ଦୃଷ୍ଟି ରଖି ସମସ୍ତ ସୁବିଧା କରିବାକୁ ସେ ପରାମର୍ଶ ଦେଇଥିଲେ ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ବୈଠକରେ ପୂର୍ବ ବୈଠକ ର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା । ରବି ଋତୁରେ ୮୭୬୮୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା,ମୁଗ,ବିରି,କୋଳଥ , ମଟର,ବାଦାମ,ରାଶି ଆଦି ଚାଷ କରାଯାଇଥିଲା । ମୋଟ୍ ୬୮୨୪୧ ହେକ୍ଟର ଜମିରେ ଡାଲିଯାତୀୟ ଫସଲ କରାଯାଇଥିଲା । ଏତଦ୍ ବ୍ୟତୀତ ସୂର୍ଯ୍ୟମୁଖୀ,ଆଳୁ , ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ,ଧନିଆ, ଆଖୁଚାଷ ହୋଇଥିଲା । ଚଳିତ ଖରିଫ ଋତୁରେ ସମସ୍ତ ଫସଲ କୁ ମିଶାଇ ମୋଟ ୧୦୦୮୧୫ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି । ସେଥିମଧ୍ୟରୁ ୮୯୨୧୦ ହେକ୍ଟର ରେ ଖାଦ୍ୟଶସ୍ୟ, ୧୭୦ହେକ୍ଟର ରେ ଡାଲି ଜାତୀୟ ଫସଲ ,୯୩୦୦ ହେକ୍ଟର ରେ ପନିପରିବା,୧୪୫୦ ହେକ୍ଟର ରେ ମସଲା ଜାତୀୟ ଫସଲ, ୨୦ ହେକ୍ଟର ସବୁଜ ଗୋଖାଦ୍ୟ ,୫୯୫ ହେକ୍ଟର ରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି । ତାଳଦଣ୍ଡା,ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୭୫୮୨୨ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି ।

## ପାରାଦୀପ ଶାରଳା ମନ୍ଦିର ସୁପରିଚାଳନା ପାଇଁ ନୂତନ ପରିଚାଳନା କମିଟି ଗଠିତ

ପାରାଦୀପ,(ପି.ଏନ): ପାରାଦୀପ ର ବଡପଡ଼ିଆ ବସଷ୍ଟାଣ୍ଡ ନିକଟସ୍ଥ ମା ଶାରଳା ମନ୍ଦିର ର ନୂତନ ପରିଚାଳନା କମିଟି ରବିବାର ଦିନ ଗଠିତ ହୋଇଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁ ଙ୍କ ଆବାହକତ୍ୱ ଓ ହରେକୃଷ୍ଣ ପ୍ରଧାନ ଙ୍କ ସଭାପତିତ୍ୱରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା କ୍ଷ ମନ୍ଦିର ସୁପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ନୂତନ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା କ୍ଷ ଏଥିରେ ସଭାପତି ଭାବେ ଅମରେଶ ରାଉତରାୟ, ଉପସଭାପତି ଭାବେ ଅରୁଣ କୁମାର ଲେଙ୍କା, ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ସରୋଜ କୁମାର ନାଥ, ସହ ସମ୍ପାଦକ ରଞ୍ଜିତ କୁମାର ସାହୁ, କୋଷାଧକ୍ଷ ସବ୍ୟସାଚୀ ମହାପାତ୍ର ମନୋନୀତ ହୋଇଥିବା ବେଳେ



କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ମାନସ ବିଶ୍ୱାଳ, ନିରଞ୍ଜନ ପାତ୍ର, କୃଷ୍ଣ ଚରଣ ବିଶ୍ୱାଳ, ତାପସ ପରିଜା, ରତ୍ନାକର ସ୍ୱାଇଁ ଓ ଧୂଳେଶ୍ୱର ମଲ୍ଲିକ ମନୋନୀତ ହୋଇଛନ୍ତି କ୍ଷ ଏହି ବୈଠକ ରେ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ସାହୁ, ପ୍ରହଲ୍ଲାଦ ସାହୁ, ନରେନ୍ଦ୍ର ପରିଡା, ଗଗନ ବିହାରୀ ସାହୁ, ବରିଷ୍ଠ ସଦସ୍ୟ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ଶଶାଙ୍କ ଶେଖର ଆଚାର୍ଯ୍ୟ, ଅୟସକାନ୍ତ ସାମଲ, ପ୍ରଭାସ କୁମାର ଦାସ, ସଦାନନ୍ଦ ମଲ୍ଲିକ, ସନ୍ତୋଷ ଭାରତୀ, ମୁରଲୀଧର ବେହେରା ପ୍ରମୁଖ ଉପସ୍ଥିତ ରହି ମନ୍ଦିର ପରିଚାଳନା ରେ ସୁଧାର ଆଣିବା ସହିତ ମନ୍ଦିରର ନୀତିକାନ୍ତି ଆଦି ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ କ୍ଷ ସୂଚନାଥାଉକି ଏହି ଶାରଳା ମନ୍ଦିର ପରିଚାଳନା କମିଟି ଉଦୟବଟ ଧାମ ରେ ଥିବା ଜଗନ୍ନାଥ ମନ୍ଦିରର ମଧ ପରିଚାଳନା କରିଥାଏ, ଯାହାକି ଶାରଳା ମନ୍ଦିର ପ୍ରତିଷ୍ଠାତା ବାବା ସର୍ବ ?ଶ୍ୱର ଦାସ ଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିଲା







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray